## ସଂକ୍ଷେପରେ

### ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

ପାତ୍ରପୁର,୪।୧୨(ଡି.ଏନ୍.ଏ.)-ପାତ୍ରପୁର ତହସିଲ ଗୁଣ୍ଠୁରା ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଶୁକ୍ରବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜସ୍ୱ ସୁପରଭାଇଜର ଭାସ୍କର ବେହେରା ଉଦ୍‌ଘାଟନ କରିଥିଲେ। ଗୁଣ୍ଠୁରା ଓ ଆମ୍ବପୁର ପଞ୍ଚାୟତର ଶତାଧିକ ଜନସାଧାରଣ ବିଭିନ୍ନ ପ୍ରମାଣପତ୍ର, ମ୍ୟୁଟେଶନ, ଗ୍ରାମକଣ୍ଟକ ପଟ୍ଟା. ଓଏଲଆର ୮ଏ ପାଇଁ ଆବେଦନ କରିଥିଲେ। ଇ ପାଉତି ନେଇ ରାଜସ୍ୱ କର୍ମଚାରୀମାନେ ଜନସାଧାରଣଙ୍କୁ ସଚେତନ କରିଥିଲେ । ପରେ ତହସିଲଦାର ଅମିତ କୁମାର ନାୟକ ଏହି କାର୍ଯ୍ୟକ୍ରମ ଦ୍ୱାରା ଜନସାଧାରଣଙ୍କ ଘରବାରି ଓ ଜମିଜମା ସମ୍ବନ୍ଧୀୟ ସମସ୍ୟାର ସମାଧାନ ହୋଇପାରିବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଇତିମଧ୍ୟ ବେହେରା ଯୋଗଦେଇଥିବା ବେଳେ ଗୁଣ୍ଠୁରା ରାଜସ୍ୱ ନିରୀକ୍ଷକ ସୁବାସ ପାତ୍ର ପରିଚାଳନା କରିଥିଲେ। ଦୀପ୍ତିରଞ୍ଜନ ଭୂୟାଁ, ରୂପେଶ ପ୍ରଧାନ, ପ୍ରିୟରଞ୍ଜନ ଓଡ଼ିଆ, ହେମନ୍ତ ଭୂୟାଁ ଓ ସ୍ଥାନୀୟ ଜନସେବା କେନ୍ଦ୍ର କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧିଙ୍କ ବୈଠକ

କୁକୁଡ଼ାଖଣ୍ଡି,୪।୧୨-କୁକୁଡ଼ାଖଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ବିଡିଓ ଗଦାଧର ପାତ୍ରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କ ସହ ଅନେକ ଜନପ୍ରତିନିଧି ଯୋଗଦେଇଥିଲେ। ପୂର୍ବରୁ ଜଳସେଚନ ଡାକବଙ୍ଗଳାରେ ସରପଞ୍ଚ ସଂଘ ବୈଠକରେ ବାଚସ୍ପତିଙ୍କ କୌଣସି କାର୍ଯ୍ୟକ୍ରମରେ ସରପଞ୍ଚମାନେ ଯୋଗ ନ ଦେଇ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ହେଲେ ଉକ୍ତ ନିଷ୍ପତ୍ତିରୁ ସରପଞ୍ଚ ସଂଘ ଓହରି ଯାଇ ପୂର୍ବ ଭଳି କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ବିଡିଓ ସୂଚନା ଦେଇଛନ୍ତି। ଶନିବାର କୁକୁଡ଼ାଖଣ୍ଡି ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ରକ୍ତଦାନ ଶିବିର ଆୟୋଜିତ ହେବ, ସେ ନେଇ ବୈଠକରେ ଆଲୋଚନା ହୋଇଥିଲା।

### ବଳାତ୍କାର ମାମଲା, ବୃଦ୍ଧ ଗଲେ ଜେଲ

ଦିଗପହଣ୍ଡି,୪।୧୨(ଡି.ଏନ.ଏ.)- ୭ ବର୍ଷୀୟା ଶୁଶୁକନ୍ୟାକୁ ବଳାତ୍କାର କରିବା ଅଭିଯୋଗରେ ଦିଗପହଣ୍ଡି ପୋଲିସ ଶୁକ୍ରବାର ବୃଦ୍ଧ ନାରାୟଣ ପ୍ରଧାନଙ୍କୁ ବ୍ରହ୍ମପୁର ସ୍ଥିତ ପୋକ୍ସ କୋର୍ଟକୁ ଚାଲାଣ କରିଛି। ଥାନା ମାମଲା ନଂ. ୨୯୦/୨୦ ଅନୁଯାୟୀ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଇ ଦିଆଯାଇଛି। ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ଅନୁସୂଚିତ ଜାତି ବର୍ଗର ଶୁଶୁକନ୍ୟାଙ୍କୁ ବୃଦ୍ଧ ଜଣକ ବଳାତ୍କାର କରିଥିବା ଗତ ଗୁରୁବାର ପୀଡ଼ିତାଙ୍କ ମା’ ଥାନାରେ ଏତଲା ଦେଇଥିଲେ। ଗତ ସୋମବାର ସନ୍ଧ୍ୟାରେ ଶିଶୁକନ୍ୟା ଜଣକ ଘର ପାଖରେ ଖେଳୁଥିବା ବେଳେ ବୃଦ୍ଧ ଜଣକ ତାଙ୍କୁ ଟେକି ନେଇ ବଳାତ୍କାର କରିଥିଲେ।

### ବରିଷ୍ଠ ନାଗରିକ ସଂଘ ବୈଠକ

ଫୁଲବାଣୀ ଅଫିସ, ୪।୧୨- ଫୁଲବାଣୀ ହାଟପଦାସ୍ଥିତ ନାରାୟଣୀ ଯାତ୍ରା ପଡ଼ିଆରେ ଜିଲା ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ରାଜକିଶୋର ବେହେରା ଏଥିରେ ଅଧକ୍ଷତା କରିଥିଲେ । ଇତିମଧରେ ୧୨ ବରିଷ୍ଠ ନାଗରିକଙ୍କ ମୃତ୍ୟୁ ହୋଇଥିବାରୁ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ବ୍ରହ୍ମାନନ୍ଦ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ କରୋନା ଉପରେ ଆଲୋଚନା କରିଥିଲେ। କରୋନା ଟିକା ଆସିଲେ ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଭିତ୍ତିରେ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବାରୁ ନାଗରିକ କମିଟି ପକ୍ଷରୁ ସାଧୁବାଦ ଜଣାଯାଇଥିଲା। ଚୋରି ଓ ରାହାଜାନିକୁ ଘଟଣାକୁ ଗୁରୁତ୍ୱର ସହିତ ଅନୁସନ୍ଧାନ କରି ବରିଷ୍ଠ ନାଗରିକଙ୍କୁ ସୁବିଧା ସୁଯୋଗ ଦେବାପାଇଁ ପ୍ରଶାସନ ସହିତ ଆଲୋଚନା ପାଇଁ ନିଷ୍ପତ୍ତି ହୋଇଥିଲା । ସେହିପରି ଭିନ୍ନକ୍ଷମ ପୁରୁଷ ଓ ମହିଳାଙ୍କୁ ଶୀତବସ୍ତ୍ର ବଣ୍ଟନ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି । ବୈଠକରେ ନବୀନ କିଶୋର ପଣ୍ଡା, ଅନନ୍ତ ଚରଣ ମିଶ୍ର, ଅଚ୍ୟୁତାନନ୍ଦ କହଁର, ତାରିଣୀ ପ୍ରସାଦ ମୁନୀ, ଲକ୍ଷ୍ମୀକାନ୍ତ ଦୋରା, ମୋତିରାମ ମିଶ୍ର, ରଘୁନନ୍ଦନ ପାତ୍ର, ନବ କିଶୋର ରଥ, ବିକାଶ ମହାନ୍ତି, ସୁବାସ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ପ୍ରୋତ୍ସାହନ ଅଭାବ, ବର୍ତ୍ତୁନି କପା ଉତ୍ପାଦନ

**ଗଞ୍ଜାମ ଜିଲା**

ଛତ୍ରପୁର,୪।୧୨(ଡି.ଏନ୍.ଏ.)



ଗଞ୍ଜାମ ଜିଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ କପା ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ। ଦିଗପହଣ୍ଡି ଆଞ୍ଚଳିକ ବଜାର କମିଟି (ଆର୍‌ଏମସି) ପରିସରରେ ଗିନିଙ୍ଗ ଓ ପ୍ରେସିଙ୍ଗ ମିଲ ଆସନ୍ତା ଜାନୁୟାରୀ ୨୬ ତାରିଖ ମଧରେ କାର୍ଯ୍ୟକ୍ଷମ ହେବ। ଉକ୍ତ ମିଲରେ କପାରୁ ମଞ୍ଜି ବାହାର କରାଯାଇ ବଣ୍ଡଲ ଆକାରରେ ପ୍ରସ୍ତୁତ କରି କପଡା ପ୍ରସ୍ତୁତ କମ୍ପାନୀକୁ ପ୍ରେରଣ କରାଯିବ। ଏଥି ସକାଶେ ମେଶିନ ସ୍ଥାପନ କାର୍ଯ୍ୟ ଚାଲିଛି । ଏହି ମିଲ କାର୍ଯ୍ୟକ୍ଷମ ହେଲେ କପାଚାଷୀ ଲାଭବାନ ହେବେ। ଜିଲାର କୁଶଳୀ କାରିଗର କର୍ମ ନିଯୁକ୍ତି ପାଇପାରିବେ।

ଜିଲାର ସାନଖେମୁଣ୍ଡି, ଦିଗପହଣ୍ଡି, ଚିକିଟି, ପାତ୍ରପୁର, ଶେରଗଡ଼, ସୋରଡା, ଧରାକୋଟ, ଜଗନ୍ନାଥପ୍ରସାଦ, ଭଞ୍ଜନଗର ଅଞ୍ଚଳରେ ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ୮୪୮ ହେକ୍ଟର ଜମିରେ କପା ଉତ୍ପାଦନ ହୋଇଥିଲା । ଚଳିତ ୨୦୨୦-୨୧ ଆର୍ଥିକ ବର୍ଷରେ ୫ ବ୍ଲକରୁ ୧ହଜାର ହେକ୍ଟରରେ କପା ଚାଷ ଲକ୍ଷ୍ୟ ରଖାଯାଇଥିଲେ ମଧ ୫୫୭ ହେକ୍ଟରରେ ଚାଷ ହୋଇଛି। ସେଥିରୁ ୮୪୬୬ କୁଇଣ୍ଟାଲ ତନ୍ତୁ ଉତ୍ପାଦନ ହେବ। ତେବେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଉତ୍ପାଦନ କମ ହେଉଥିବା ଜାଣି ଜିଲାପାଳ କ୍ଷୋଭ ପ୍ରକାଶ କରିବା ସହ ଉଚିତ୍ ଦରରେ କପା କିଣି ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ କହିଥିଲେ। ଅଧିକ ଅଞ୍ଚଳରେ ଯେପରି କପା ଚାଷ ହେବ ସେ ଦିଗରେ ଚାଷୀଙ୍କୁ ପ୍ରବର୍ତ୍ତାଇବା, ଆର୍‌ଏମସି ସ୍ତରରେ ଚାଷୀଙ୍କୁ ସୁବିଧା ଦେବା, ବେସରକାରୀ ସଂସ୍ଥା ଯେପରି ନିର୍ଦ୍ଧାରିତ ଦରରେ କପା କିଣିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ କହିଥିଲେ। ଚାଷୀ ଯେପରି ତାଙ୍କ ନିଜ ସ୍ଥାନରେ କପା ବିକ୍ରି କରିପାରିବେ ସେ ଦିଗରେ ସୁନିଶ୍ଚିତ କରିବା, ସମସ୍ତ ଚାଷୀଙ୍କ ପଞ୍ଜୀକରଣ କରିବା ଦିଗରେ ଅଧିକାରୀମାନେ ଚେଷ୍ଟା କରିବାକୁ ଜିଲାପାଳ କହିଥିଲେ। ଚଳିତ ଆର୍ଥିକ ବର୍ଷରେ ମଧମ ତନ୍ତୁ ସକାଶେ କୁଇଣ୍ଟାଲ ପିଛା ୫୫୧୫ ଟଙ୍କା ଦର ଧାର୍ଯ୍ୟ କରାଯାଇଥିବା ବେଳେ ଲମ୍ବା ତନ୍ତୁ ୫୮୨୫ ଟଙ୍କା ଦର ଧାର୍ଯ୍ୟ କରାଯାଇଛି। ଦିଗପହଣ୍ଡି ଆର୍‌ଏମସିର ଗିନିଙ୍ଗ ଓ ପ୍ରେସିଙ୍ଗ ମିଲ ପରି ହିଞ୍ଜିଳିକାଟୁରେ ମଧ ମିଲ ପ୍ରତିଷ୍ଠା କରିବାକୁ ଜିଲାପାଳ କହିଥିଲେ। ଆସନ୍ତା ୧୫ ତାରିଖରୁ କପା ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ, ଜିଲା ମୁଖ୍ୟ କୃଷି ଅଧିକାରୀ ଭାସ୍କର ପାଢୀ, ଜିଲା କୃଷି ଅଧିକାରୀ ଏ. ସତ୍ୟ ନାରାୟଣ ରାଓ, ଅତିରିକ୍ତ ଜିଲାପାଳ ନାବାର୍ଡ ଏସ.ଏସ. ସାହୁ, ଭାରତ ସରକାରଙ୍କ କଟନ କର୍ପୋରେଶନ ଅଥରିଟିର ବରିଷ୍ଠ ବାଣିଜ୍ୟିକ ଅଧିକାରୀ କେ. ସୁଧାକର, ଆର୍‌ଏମସି ଦିଗପହଣ୍ଡିର ସମ୍ପାଦକ ଅରୁଣ କୁମାର ମିଶ୍ର, ଆର୍. ଏମ.ସି. ଭଞ୍ଜନଗର ସମ୍ପାଦକ ଦୀନବନ୍ଧୁ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

# ସୋରଡ଼ା ଜଙ୍ଗଲରୁ ଉଦ୍ଧାର ନାବାଳିକା ଗୁରୁତର

**ଏମ୍‌କେସିଜିରେ ଭର୍ତ୍ତି**

ବ୍ରହ୍ମପୁର ଅଫିସ,୪।୧୨

ଗଞ୍ଜାମ ଜିଲା ବଡଗଡ - ସୋରଡା ଜଙ୍ଗଲିଆ ରାସ୍ତାରୁ ନଭେମ୍ବର ୨୯ରେ ଜଣେ ନାବାଳିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ଲୋକେ ଉଦ୍ଧାର କରି ସୋରଡା ପୋଲିସକୁ ଖବର କରିବା ସହ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚାଇଲଡ୍ ଲାଇନ୍ କର୍ମଚାରୀମାନେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଆଇସିୟୁକୁ ନିଆଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଚାଇଲଡ଼ ଲାଇନ୍ ସଂଯୋଜକ ସାଇ ପ୍ରସାଦ ସାମଲ ସୂଚନା ଦେଇଛନ୍ତି। ପୀଡିତାଙ୍କୁ ଅପହରଣ କରି ମିଥୁନ ସେଠୀ ନାମକ ଜଣେ ଯୁବକ ପୁରୀରେ ରଖିଥିଲେ। ଏହା ଜଣାପଡିବା ପରେ ପୀଡ଼ିତାଙ୍କ ବାପା ସେଠାକୁ ଯାଇଥିଲେ। ହେଲେ ମିଥୁନ ଥାନାରେ ଅଭିଯୋଗ ନ କରିବାକୁ ଧମକ ଦେଇ ତାଙ୍କୁ ଘଉଡାଇ ଦେଇଥିଲେ। ପରେ ତାଙ୍କ ବାପା ସେଠାରୁ ଫେରି ଆସିଥିଲେ।

ନାବାଳିକାଙ୍କ କହିବା ଅନୁଯାୟୀ, ମିଥୁନ ତାଙ୍କୁ ଅପହରଣ କରି ପୁରୀ ନେଇଯାଇଥିଲା। ସେଠାରେ ସେ ଗର୍ଭବତୀ ଜଣାପଡିବା ପରେ ମିଥୁନ ବଳପୂର୍ବକ ତାଙ୍କର ଗର୍ଭ ନଷ୍ଟ କରିଥିଲେ। ପରେ ନଭେମ୍ବର ୨୯ରେ ଗାଁକୁ ନେବେ କହି ବଡଗଡ - ସୋରଡା ଜଙ୍ଗଲିଆ ରାସ୍ତାରେ ବେକକୁ ଏକ ଧାରୁଆ ଅସ୍ତ୍ରରେ କାଟିଥିଲେ। ସେ ଚିତ୍କାର କରିବାରୁ ସ୍ଥାନୀୟ ଲୋକ ଆସିଥିଲେ । ମିଥୁନ ତାଙ୍କୁ ଦେଖି ମୋତେ ଛାଡି ପଳାଇଥିଲେ ବୋଲି ଚାଇଲଡ ଲାଇନ୍‌କୁ ପୀଡିତା କହିଛନ୍ତି।

ପୀଡିତାଙ୍କ ମା’ ଏନେଇ ଶୁକ୍ରବାର ବ୍ରହ୍ମପୁର ସଦର ଥାନାରେ ଅଭିଯୋଗ କରିଥିଲେ। ମୋ ଝିଅଙ୍କୁ ଅପହରଣ ପରେ ବଳାତ୍କାର ଓ ହତ୍ୟା ଉଦ୍ୟମ କରାଯାଇଥିବା ନେଇ ପୋଲିସ ନଂ.୩୭୨/୨୦ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ମିଥୁନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଥିବା ପୋଲିସ କହିଛି। ଘଟଣାରୁ ପ୍ରକାଶ ପ୍ରାୟ ୮ ମାସ ତଳେ ସଦର ଥାନା ଅଞ୍ଚଳରୁ ଜଣେ ନାବାଳିକା ଅପହରଣ ହୋଇଥିଲା।

# ମଜୁରି ଟଙ୍କା ପ୍ରଦାନ ଦାବିରେ ମହିଳାଙ୍କ ବିକ୍ଷୋଭ



ବନବିଭାଗ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ଶ୍ରମିକଙ୍କ ବିକ୍ଷୋଭ।

ଦିଗପହଣ୍ଡି,୪।୧୨(ଡି.ଏନ.ଏ.)

ମଜୁରି ଟଙ୍କା ଶୀଘ୍ର ପ୍ରଦାନ ଦାବିରେ ଶୁକ୍ରବାର ଶେରଗଡ଼ ବ୍ଲକ ଲକ୍ଷ୍ମୀପୁର ଗ୍ରାମର ବହୁସଂଖ୍ୟକ ମହିଳା ଦିଗପହଣ୍ଡି ବନବିଭାଗ ରେଞ୍ଜର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘ ବର୍ଷ ହେଲା ସେମାନଙ୍କ ପ୍ରାପ୍ୟ ମଜୁରି ପ୍ରଦାନ କରାଯାଇ ନ ଥିବା ପ୍ରତିବାଦରେ ସାମାଜିକ କର୍ମୀ ଉମାକାନ୍ତ ପଟ୍ଟନାୟକ ଏବଂ ରଞ୍ଜନ କୁମାର ନାହାକଙ୍କ ନେତୃତ୍ୱରେ ମହିଳା ମାନେ ବିକ୍ଷୋଭ କରିଥିଲେ। ପରେ ଭାରପ୍ରାପ୍ତ ଡେପୁଟି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକଙ୍କ ଅନୁପସ୍ଥିତିରେ ଡାଟା ମ୍ୟାନେଜର ରଞ୍ଜିତ କୁମାର ପଲେଇଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଲକ୍ଷ୍ମୀପୁର ଗ୍ରାମର ମହିଳା ଶ୍ରମିକମାନଙ୍କୁ ୨୦୧୭ ଜୁନ ସେପ୍ଟେମ୍ବର ୯ ଯାଏ ଦିଗପହଣ୍ଡି ବନବିଭାଗ ରେଞ୍ଜ ପାଟପୁର ସେକ୍ସନ ଜଗନ୍ନାଥପୁର ବିଟ ଅଧୀନ ପ୍ରତାପଗିରି, ଖାରିଗୁଡ଼ା, ଲକ୍ଷ୍ମୀପୁର ଗ୍ରାମ ନିକଟ ରତନେଇ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟର ନିୟୋଜିତ କରାଯାଇଥିଲା। ତତ୍କାଳୀନ ବନରକ୍ଷୀ ସେମାନଙ୍କୁ ମଜୁରି ଟଙ୍କା ପ୍ରଦାନ କରି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଡେପୁଟି ରେଞ୍ଜରଙ୍କୁ ପଚାରିବାରୁ ସେ ସମ୍ପର୍କରେ କୌଣସି ତଥ୍ୟ ନ ଥିବା କହିଛନ୍ତି। ତାଙ୍କ ପୂର୍ବରୁ ୪ ରେଞ୍ଜର ବଦଳି ହୋଇ ଏଠାରୁ ଯାଇଥିବା ବେଳେ ସେ କିଛିଦିନ ହେଲା ଏଠାରେ ଅବସ୍ଥାପିତ ହୋଇଥିବା କହିଛନ୍ତି। ଏହି ମଜୁରି ପ୍ରଦାନକୁ କେନ୍ଦ୍ର କରି ପୂର୍ବରୁ ଅଭିଯୋଗ ହୋଇଥିଲା। ଲକ୍ଷ୍ମୀପୁର ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଗତ ଫେବୃୟାରୀ ୧ ତାରିଖରେ ସମ୍ପୃକ୍ତ ବନରକ୍ଷୀ ଅନ୍ୟ ବନକର୍ମଚାରୀଙ୍କ ସହାୟତାରେ ମହିଳା ଶ୍ରମିକମାନଙ୍କ ଦସ୍ତଖତ କରାଯାଇ ସମସ୍ତ ବକେୟା ମଜୁରି ଅର୍ଥରାଶି ପ୍ରଦାନ କରିଥିଲେ। ପୁଣି କିଛିବ୍ୟକ୍ତି ମହିଳାମାନଙ୍କୁ ସାଙ୍ଗରେ ନେଇ ବକେୟା ମଜୁରି ପାଇଁ ଆନ୍ଦୋଳନ କରିବା ଘଟଣା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି ବୋଲି ରେଞ୍ଜର କହିଛନ୍ତି। ତଥାପି ମହିଳା ଶ୍ରମିକ ମାନଙ୍କ ଅଭିଯୋଗର ତଦନ୍ତ କରାଯିବ ବୋଲି ସେ ଜଣାଇଛନ୍ତି। ଅପରପକ୍ଷରେ ପ୍ରକୃତରେ ଶ୍ରମିକଙ୍କୁ ମଜୁରି ପ୍ରଦାନ କରା ନ ଯାଇ ବନବିଭାଗ ମଷ୍ଟର ରୋଲ୍‌ରେ ବୃଦ୍ଧା, ବୃଦ୍ଧ ଏବଂ ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ବିଲ୍ କରାଯାଇଥିବା ନେଇ ସାମାଜିକ କର୍ମୀ ଉମାକାନ୍ତ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଅଭିଯୋଗର ଭିଜିଲାନ୍ସ ତଦନ୍ତ ପାଇଁ ସେ ଦାବି କରିଛନ୍ତି।

## ୭ ପଥର ବୋଝେଇ ଟ୍ରକ ଜବତ

ଖଲ୍ଲିକୋଟ,୪।୧୨(ଡି.ଏନ.ଏ.)

ବେଆଇନ୍ ଚାଲାଣ ହେଉଥିବା ୭ ମାଙ୍କଡ଼ା ପଥର ବୋଝେଇ ଟ୍ରକକୁ ଖଲ୍ଲିକୋଟ ତହସିଲଦାର ରାଜ କିଶୋର ପଟ୍ଟନାୟକ ଚଢ଼ାଉ କରି ଜବତ କରିଛନ୍ତି। ସମସ୍ତ ଟ୍ରକକୁ ଭେଜିପୁଟ ଫାଣ୍ଡିରେ ରଖାଯାଇଛି। ଜିଲା ବାହାରୁ ବହୁ ସମୟରେ ବେଆଇନ ମାଙ୍କଡ଼ା ପଥର ଖଲ୍ଲିକୋଟ ଅଞ୍ଚଳ ଦେଇ ଚାଲାଣ ହେଉଥାଏ। ନୂତନ ତହସିଲଦାର ଖଲ୍ଲିକୋଟରେ ଯୋଗଦେବା ପରେ ବେଆଇନ ପଥର, ମୋରମ, ପୋଡ଼ା ଇଟା ଗାଡ଼ିକୁ ଜବତ କରୁଛନ୍ତି।

## ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ବୁଲି ଦେଖିଲେ ପିଡି

ଶେରଗଡ,୪।୧୨(ଡି.ଏନ୍.ଏ.)

ଶେରଗଡ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟକୁ ଗୁରୁବାର ସନ୍ଧ୍ୟାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ ପହଞ୍ଚି ବୁଲି ଦେଖିଛନ୍ତି। ଏହି ସମୟରେ ବିଦ୍ୟାଳୟର ସମସ୍ତ କୋଠରି ବୁଲିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଡିଜିଟାଲାଇଜେଶନ ପାଇଁ ଯାହା ଦରକାର ତାକୁ ଆଗେ କରାଯିବ। ବିଦ୍ୟାଳୟର ପାଇଖାନା, ପରିବେଶ ସୁରକ୍ଷା ସହ ଚାରାରୋପଣକୁ ପ୍ରାଧାନ୍ୟ ଦେଇ କାମ କରିବାକୁ ବିଡିଓ ସୁରଞ୍ଜନ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିଚାଳନା କମିଟି ଡକାଇ ବୈଠକ କରି ବିଦ୍ୟାଳୟର ହେଉଥିବା ବିକାଶ ସମ୍ପର୍କରେ ଆଲୋଚନା କରିବାକୁ କହିଥିଲେ। ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟକୁ ୨୫ଲକ୍ଷ ଟଙ୍କାର ଅନୁଦାନ ମିଳିଥିବାବେଳେ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଓ ପିତଳ ବାଳକ ଉଚ୍ଚ ବିଦ୍ୟାଳୟକୁ ୫୦ ଲକ୍ଷ ଟଙ୍କା ମିଳିଛି। ପରିଦର୍ଶନ ସମୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ମହେନ୍ଦ୍ର କୁମାର ଷଡଙ୍ଗୀ, ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ସାହୁ, ଯନ୍ତ୍ରୀ ପବିତ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପିଡି ଭାଉସାହେବ ତାକରଡା ଶହୀଦ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ ଶ୍ରେଣୀ କୋଠରି ଓ ବିଜ୍ଞାନାଗାର ବୁଲି ଦେଖିଥିଲେ।

# ଷ୍ଟେଟ ବ୍ୟାଙ୍କ ଏସ୍‌ଏମ୍‌ଇ ଶାଖା ଉଦ୍‌ଘାଟିତ



ସିଜିଏମ୍ ଏସ୍‌ଏମ୍‌ଇ ଶାଖା ଉଦ୍‌ଘାଟନ କରୁଛନ୍ତି।

ଆସିକା,୪।୧୨(ଡି.ଏନ୍.ଏ.)

ଆସିକା ଏନଏସିର ଲକ୍ଷ୍ମୀବଜାରଠାରେ ଶୁକ୍ରବାର ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଏକ ଏସଏମ୍‌ଇ (କ୍ଷୁଦ୍ର ଓ ମଧମ ଉଦ୍ୟୋଗ) ଶାଖା ଉଦ୍‌ଘାଟିତ୍ ହୋଇଛି। ଷ୍ଟେଟ ବ୍ୟାଙ୍କର ଓଡିଶା ମୁଖ୍ୟ ସିଜିଏମ୍ ରୁମା ଦେଙ୍କ ଏହାକୁ ଉଦଘାଟନ କରିଥିଲେ। ଏହି ଶାଖା ଦ୍ୱାରା କ୍ଷୁଦ୍ର ଓ ମଧମ ଉଦ୍ୟୋଗ କ୍ଷେତ୍ରରେ ୫୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଋଣ ପ୍ରଦାନ ନିମନ୍ତେ ବିଶେଷ ସୁବିଧା ଉପଲବ୍ଧ ହେବ । ଏହି ଅବସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଚିଫ ଜେନେରାଲ ମ୍ୟାନେଜର ଦେ କହିଛନ୍ତି ଯେ, ଏହି ଶାଖାରୁ ଉଦ୍ୟୋଗୀମାନେ କମ ସମୟ ମଧରେ ଋଣ ନେବାରେ ସକ୍ଷମ ହୋଇପାରିବେ । ଏହି ଶାଖା ଦ୍ୱାରା ଜିଲାର ବ୍ରହ୍ମପୁର ଅଞ୍ଚଳକୁ ଛାଡି ଆସିକା, ଭଞ୍ଜନଗର, ସୋରଡା ସମେତ କନ୍ଧମାଳ, ରାୟଗଡା, ଗଜପତି ଆଦି ଜିଲାର ଉଦ୍ୟୋଗୀମାନେ ଉପକୃତ ହେବେ । ବିଶେଷ କରି କେନ୍ଦ୍ର ସରକାରଙ୍କ ଆତ୍ମ ନିର୍ଭର ଭାରତ ଯୋଜନାରେ ପ୍ରତିଷ୍ଠିତ ହେବାକୁ ଥିବା କ୍ଷୁଦ୍ର ଓ ମଧମ ଉଦ୍ୟୋଗ ନିମନ୍ତେ ଏହା ସହାୟକ ହେବ ବୋଲି ସେ ଆଶାପୋଷଣ କରିଥିଲେ । ଏଥିସହ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଆସିକା ଡାକ୍ତରଖାନାକୁ ଏକ ୱାଟର ପ୍ୟୁରିଫାୟର, ଥାନାକୁ ଟ୍ରାଫିକ ନିୟନ୍ତ୍ରଣ ଲାଗି ବ୍ୟାରିକେଡ ବୋର୍ଡ ଓ ମାନବ ସେବା ସମିତିକୁ ଗରିବଙ୍କୁ ବଣ୍ଟନ ଲାଗି ୪୦ଖଣ୍ଡ କମ୍ବଳ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧରେ ଷ୍ଟେଟ ବ୍ୟାଙ୍କର ଜେନେରାଲ ମ୍ୟାନେଜର ବିଜୟ କୁମାର କୁଜୁର ଓ ଡେପୁଟି ଜେନେରାଲ ମ୍ୟାନେଜର ଏସ.ଏନ. ବୈରାଗୀଙ୍କ ସହ ବହୁ ପଦସ୍ଥ ବ୍ୟାଙ୍କ ଅଧିକାରୀ ଯୋଗ ଦେଇଥିଲେ ।

# ହ୍ୱିଲଚେୟାର କ୍ରିକେଟ ଟୁର୍ନାମେଣ୍ଟରେ ଭାଗନେବେ ମାଧବ

ଦିଗପହଣ୍ଡି,୪।୧୨(ଡି.ଏନ.ଏ.)


ମାଧବ ବଡ଼ ସେଠ୍

ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟାଳୟରେ କାର୍ଯ୍ୟରତ ଦିବ୍ୟାଙ୍ଗ କର୍ମଚାରୀ ମାଧବ ବଡସେଠ୍ ଜାତୀୟ ସ୍ତରୀୟ ହ୍ୱିଲଚେୟାର କ୍ରିକେଟ ଚାମ୍ପିୟନଶିପ୍‌ରେ ଭାଗ ନେବେ। ମାଧବ ଏନ୍‌ଏସି କାର୍ଯ୍ୟାଳୟରେ ଅଫିସ୍ ସପୋର୍ଟ ଷ୍ଟାଫ୍ (ଓଏସ୍‌ଏସ୍) ଭାବେ କିଛି ଦିନ ହେଲା ନିଯୁକ୍ତ ହୋଇଛନ୍ତି। ବିଶ୍ୱ ଦିବ୍ୟାଙ୍ଗ ସପ୍ତାହ ପାଳନ ଅବସରରେ ଭାରତୀୟ ଦିବ୍ୟାଙ୍ଗ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ଆସନ୍ତା ୧୦ ଏବଂ ୧୧ ଦୁଇ ଦିନ ଧରି ନୂଆଦିଲ୍ଲୀର ଲୋହିଆ ଫାର୍ମ ହାଉସ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ୧୫ ଜଣିଆ ଓଡ଼ିଶା ହ୍ୱିଲଚେୟାର କ୍ରିକେଟ ଟିମରେ ମାଧବ ସ୍ଥାନ ପାଇଥିବାରୁ ଖୁସି ପ୍ରକଟ କରିଛନ୍ତି। ଏଥିପାଇଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ଓ ଅନ୍ୟ କର୍ମଚାରୀମାନେ ମାଧବଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶା ଟିମର ସଫଳତା କାମନା କରିଛନ୍ତି।

# ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

**ବଳାତ୍କାର ମାମଲା**

ବ୍ରହ୍ମପୁର ଅଫିସ,୪।୧୨

ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ)-୨ ଏକ ବଳାତ୍କାର ମାମଲାର ଶୁଣାଣି କରିଛନ୍ତି। ସରକାରୀ ଓକିଲ କୁରେଶ ଗୌଡ଼ ଜାମିନର ଦୃଢ ବିରୋଧ କରିଥିଲେ। ସରକାରୀ ଓକିଲ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଜୀବ ପଟ୍ଟନାୟକଙ୍କ ମଧରେ ଶୁଣାଣି ବେଳେ ଜବାବ ସୁଆଲ ହୋଇଥିଲା। ଶେଷରେ ଏଡିଜେ-୨ ଅଭିଯୁକ୍ତ ବାପୁନୀ ସାହୁଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।

ଘଟଣାରୁ ପ୍ରକାଶ, ଅକ୍ଟୋବର ୧୦ରେ ବାପୁନୀ ଜଣେ ବିବାହିତା ମହିଳାଙ୍କୁ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ପରେ ପୀଡ଼ିତା ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ମାମଲା ନମ୍ବର ୩୨୬/୨୦ ରେ ତଦନ୍ତକାରୀ ଅଧିକାରୀ ତଥା ଅତିରିକ୍ତ ଇନ୍ସପେକ୍ଟର ବିଶ୍ୱନାଥ ଜାଲି ଅଭିଯୁକ୍ତ ବାପୁନିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପରେ କୋର୍ଟରେ ଏସ୍‌ଡ଼ିଜେଏମ୍ ପୂର୍ବରୁ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

# କଂଗ୍ରେସ କର୍ମୀ ସମାବେଶ

ହିଞ୍ଜିଳିକାଟୁ,୪।୧୨(ଡି.ଏନ୍.ଏ.)

ହିଞ୍ଜିଳି କଂଗ୍ରେସ ପକ୍ଷରୁ ଶୁକ୍ରବାର ଶ୍ୟାମଳାଇ ମନ୍ଦିର ପ୍ରାଙ୍ଗଣରେ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ହିଞ୍ଜିଳିକାଟୁ ନଗର କଂଗ୍ରେସ ସଭାପତି ସୁନାରାମ ସାବତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଗତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇଥିବା ଶମ୍ଭୁ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଚାଷୀ, ଶ୍ରମିକମାନଙ୍କୁ ଉଭୟ ବିଜେଡ଼ି ଓ ଭାଜପା ପ୍ରତାରିତ କରୁଛନ୍ତି ବୋଲି ସେ କହିଥିଲେ। ସଙ୍ଗଠନକୁ ମଜଭୁତ କରିବା ପାଇଁ ନଗର ସଭାପତି ସାବତ ଆହ୍ୱାନ ଦେଇଥିଲେ। ହିଞ୍ଜିଳି ଯୁବ କଂଗ୍ରେସ ସଭାପତି କହ୍ନେୟାଲାଲ ସାବତ ଆଗାମୀ ପୌର ନିର୍ବାଚନ ପାଇଁ କଂଗ୍ରେସ ଦୃଢ଼ତାର ସହ ଲଢ଼ିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କଞ୍ଚୁର ପଞ୍ଚାୟତର ସମିତିସଭ୍ୟ ଏ. ସୁଦାମ ଭାଜପା ଛାଡ଼ି ନିଜ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗ ଦେଇଥିଲେ।


ସମାବେଶରେ ଉପସ୍ଥିତ ନେତା ଓ କର୍ମୀ ।

# ପ୍ରଦୀପଙ୍କ ଗିରଫ ସ୍ୱାଗତଯୋଗ୍ୟ

**ବ୍ରହ୍ମପୁରରେ ବିଜେଡିର ମିଶ୍ର ପ୍ରତିକ୍ରିୟା**

ବ୍ରହ୍ମପୁର ଅଫିସ/ଗୋପାଳପୁର,୪।୧୨

୨୦୧୯ ସାଧାରଣ ନିର୍ବାଚନ ପରଠାରୁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ପ୍ରତି ନିଜ ନିର୍ବାଚନ ମଣ୍ଡଳୀ କର୍ମୀମାନେ ହିଁ ବିରୋଧର ସ୍ୱର ଉଠାଇଥିଲେ। ଏହାପରଠାରୁ ତାଙ୍କ ପ୍ରତି କ୍ରମାଗତ ଭାବେ ଦଳୀୟ କର୍ମକର୍ତ୍ତାଙ୍କ ବିରୋଧ ଲାଗି ରହିଥିଲା। ପରେ ଆଇଏଫ୍‌ଏସ୍ ଅଫିସର ଅଭୟ କାନ୍ତ ପାଠକଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ନେଇ ରାଜ୍ୟର ବିଭିନ୍ନ ସ୍ଥାନ ଓ ବାହାରେ ଭିଜିଲାନ୍ସ ପକ୍ଷରୁ ଚଢାଉ ହୋଇଥିଲା। ଏଥିରେ ପାଠକଙ୍କ ପୁଅ ଆକାଶ ମଧ ଭିଜିଲାନ୍ସର ତଦନ୍ତ ପରିସରଭୁକ୍ତ ହୋଇଥିଲେ। ଯିଏ କି ବିଧାୟକ ପ୍ରଦୀପଙ୍କ ଭାବି ଜ୍ୱାଇଁ ଭାବେ ଚର୍ଚ୍ଚାକୁ ଆସିଥିଲେ। ବିଧାୟକ ପ୍ରଦୀପ ତାଙ୍କ ଜ୍ୱାଇଁଙ୍କ ସହ ମିଶି ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଗୋପାଳପୁର ଅଞ୍ଚଳର ୬୮ ଜଣଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଭିଜିଲାନ୍ସ ଓ କ୍ରାଇମବ୍ରାଞ୍ଚକୁ ସୁରାକ୍ ମିଳିଥିଲା। ଗତ ରବିବାର ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଜନ ବିରୋଧୀ କାର୍ଯ୍ୟ ଅଭିଯୋଗରେ ପ୍ରଦୀପଙ୍କୁ ବିଜେଡ଼ିର ବହିଷ୍କୃତ କରିଥିଲେ।

ଯାହାକୁ ଚ୍ୟାଲେଞ୍ଜ କରି ପ୍ରଦୀପ ଗଣମାଧ୍ୟମ ସମ୍ମୁଖରେ ନିଜ ବିରୋଧରେ ଆସିଥିବା ଅଭିଯୋଗର ପ୍ରମାଣ ନ ଥିବା ଏବଂ ଏହା ଭିତ୍ତିହୀନ ବୋଲି ସ୍ପଷ୍ଟୀକରଣ ଦେଇଥିଲେ। ଘଟଣାର ଖୋଳତାଡ଼ ନେଇ କ୍ରାଇମବ୍ରାଞ୍ଚ ଓ ଭିଜିଲାନ୍ସ ପକ୍ଷରୁ ବିଭିନ୍ନ ଜାଗାରେ ତଦନ୍ତ ପରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରୁ ଠକେଇ କରିଥିବା ନେଇ ପ୍ରମାଣ ମିଳିଥିଲା। ଯାହାକୁ ନେଇ ଗୁରୁବାର ସନ୍ଧ୍ୟାରେ କ୍ରାଇମବ୍ରାଞ୍ଚ ପ୍ରଦୀପଙ୍କୁ ଭୁବନେଶ୍ୱର ସରକାରୀ କ୍ୱାର୍ଟର୍ସରୁ ଉଠାଇ ନେଇଥିଲା। ଗିରଫ ପରେ ପ୍ରଦୀପଙ୍କୁ ଭୁବନେଶ୍ୱର ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ହାଜର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ଏ ନେଇ ବ୍ରହ୍ମପୁର ବିଜେଡ଼ିର ବିଭିନ୍ନ ନେତାଙ୍କ ପକ୍ଷରୁ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି।

ଜିଲା ବିଜେଡ଼ି ସଭାପତି ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଲୋକଙ୍କ ସେବା ପାଇଁ ମୁଖ୍ୟମନ୍ତ୍ରୀ ଅଶେଷ କ୍ଷମତା ଦେଇଛନ୍ତି। ଅସାଧୁ ଉପାୟରେ ଲୋକଙ୍କଠାରୁ ଟଙ୍କା ଠକିବା ଏକ ଅପରାଧ। ଯାହାକୁ ବିଜୁ ଜନତା ଦଳରେ କେବେବି ପ୍ରଶୟ ଦିଆଯିବ ନାହିଁ।

ରଙ୍ଗେଇଲୁଣ୍ଡା ବ୍ଲକ ଉପାଧକ୍ଷ, ଅଜିତ୍ କୁମାର ଦାଶ କହିଛନ୍ତି, ଗୋପାଳପୁର ବିଧାୟକଙ୍କ କାର୍ଯ୍ୟକଳାପକୁ ନେଇ ମୁଖ୍ୟମନ୍ତ୍ରୀ ଦଳରୁ ବହିଷ୍କାର କରି ଠିକ୍ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାପରେ ତାଙ୍କୁ କ୍ରାଇମବ୍ରାଞ୍ଚର ତଦନ୍ତ ପରିସରଭୁକ୍ତ କରାଯାଇ ଜେଲ୍ ପଠାଯିବା ଘଟଣା ଗୋପାଳପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ସ୍ୱାଗତ କରାଯାଇଛି।

ସେହିପରି ୫୫ ନଂ ଜିଲା ପରିଷଦ ସଭ୍ୟ ଶଶିଭୂଷଣ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସୁଶାସନ ଆଗରେ ଦୁର୍ନୀତୀକୁ ପ୍ରଶୟ ଦିଆଯାଇ ନାହିଁ। ଯିଏ ବି ଅନ୍ୟାୟ କରିବ ଦଳ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଧାୟକଙ୍କ ବିରୋଧରେ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ।

ପୂର୍ବତନ ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ କହିଛନ୍ତି, ଚାକିରି ଦେବା ନାଁରେ ଠକେଇ ଅଭିଯୋଗରେ ବିଧାୟକ ପ୍ରଦୀପଙ୍କ ବିରୋଧରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଯାହାକୁ ରଙ୍ଗେଇଲୁଣ୍ଡା ବ୍ଲକ ଆଗଧାଡ଼ିର ନେତା ସ୍ୱାଗତ ଜଣାଇବା ସହ ଆଗାମୀ ଦିନରେ ଦଳ ପକ୍ଷରୁ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିବ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ୨ ଭାଇ ଗୁରୁତର

ବୁଗୁଡ଼ା,୪।୧୨(ଡି.ଏନ୍.ଏ.)-ବୁଗୁଡ଼ା ସହର ଉପକଣ୍ଠ ପୋଲସରା ରାସ୍ତାର ଏନ୍ଏସି ସ୍ୱାଗତ ଗେଟ ନିକଟରେ ବାଇକ୍ ଦୁର୍ଘଟଣାରେ ଶୁକ୍ରବାର ୨ ଭାଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପୋଲସରା ଥାନା ହଂସରାଳି ଗ୍ରାମର କୁମର ନାହାକ (୨୪) ଓ ରାଘବ ନାହାକ (୩୫)। କୁମର ଓ ରାଘବ ପରିବାର ସହ ସୁନା କିଣିବା ପାଇଁ ବୁଗୁଡ଼ା ଆସିଥିଲେ। ଅପରାହ୍ନରେ ଉଭୟ ଏକ ବାଇକ୍‌ରେ ଗ୍ରାମକୁ ଫେରୁଥିବା ବେଳେ ବୁଗୁଡ଼ା ଉପକଣ୍ଠସ୍ଥ ସ୍ୱାଗତ ଗେଟ ନିକଟ ବୁଲାଣିରେ ଏକ ଗଛକୁ ଧକ୍କା ଦେଇ ପଡ଼ିଯାଇଥିଲେ। ଖବର ପାଇ ବୁଗୁଡ଼ା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ବୁଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି।

### ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ

ସୋରଡ଼ା,୪।୧୨(ଡି.ଏନ୍.ଏ.)- ସୋରଡ଼ା ଏନ୍ଏସିରେ ଶୁକ୍ରବାର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଦ୍ୱିତିକୃଷ୍ଣ ପାତ୍ର ଯୋଗ ଦେଇଛନ୍ତି। ସେ ପୂର୍ବରୁ କୋଟପାଡ ତହସିଲରେ କାର୍ଯ୍ୟ କରୁଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ଦ୍ୱିତିକୃଷ୍ଣ କହିଛନ୍ତି ଏନଏସିର ସମସ୍ତ ସମସ୍ୟା ସମାଧାନ ଲାଗି ପ୍ରଶାସନ ନିୟମ ଅନୁଯାଇ ପଦକ୍ଷେପ ନିଆଯିବ। ଏହି ଅବସରରେ ଉପସ୍ଥିତ ଜିଲା ଅତିରିକ୍ତ ପ୍ରକଳ୍ପ ଅଧିକାରୀ ତଥା ଏନ୍ଏସି ପ୍ରଶାସକ ଜ୍ୟୋତିଶଙ୍କର ରାୟଙ୍କ ସହ ଆଲୋଚନା ହୋଇଛି ଓ ଯଥାଶୀଘ୍ର ମାର୍କେଟ ଗୃହ ବଣ୍ଟନ ଉପରେ କାର୍ଯ୍ୟ ପନ୍ଥା ସ୍ଥିର କରାଯିବ ବୋଲି କହିଥିଲେ। ଏଠାରେ ଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନି ଚନ୍ଦ୍ର ପ୍ରଧାନ କେଉଁଝର ଜିଲା ଆନନ୍ଦପୁର ଏନ୍ଏସିକୁ ବଦଳି ହୋଇଛନ୍ତି।

### ସ୍ୱୟଂସହାୟକ ଗୋଷ୍ଠୀର ନେତୃତ୍ୱ ବିକାଶ ଶିବିର

ପାରଳାଖେମୁଣ୍ଡି,୪।୧୨(ଡି.ଏନ୍.ଏ.)- ଗଜପତି ଜିଲା ଗୁମ୍ମା ବ୍ଲକ କୁଜାସିଂ ପଞ୍ଚାୟତର ୨୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ଏକ ନେତୃତ୍ୱ ବିକାଶ ଶିବିର 'ଗଡ୍‌ସ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଜିଲା ନାବାର୍ଡ ସହାୟତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜଗନ୍ନାଥପୁର ଗ୍ରାମଠାରେ ଦକ୍ଷତା ତାଲିମ ଦିଆଯାଇଛି। ଶିବିରରେ ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ କିଶୋର ଚନ୍ଦ୍ର ନାଇକ ଏବଂ ଆସେଟି ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ବ୍ରହ୍ମା ଓ ତାଲିମଦାତା ଭାବେ ସୋମନାଥ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଆଦର୍ଶ ଦଳ ପାଇଁ କିପରି ପରିଚାଳନା କରିବା ଆବଶ୍ୟକ ସେଥିପାଇଁ ୧୦ ସୂତ୍ରୀ ନିୟମ ଦଳର ସଭ୍ୟମାନଙ୍କ ଆର୍ଥିକ ବୃଦ୍ଧି ହେବାପାଇଁ ବିଭିନ୍ନ ଆୟ ଭିତ୍ତିକ କାର୍ଯ୍ୟକ୍ରମ କିପରି ସାମିଲ ହୋଇପାରିବ ସେନେଇ ତାଲିମ ଦିଆଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତା ପରିଚାଳନା କରିଥିଲେ।

### ନୌସେନା ଦିବସ ପାଳିତ

ଛତ୍ରପୁର,୪।୧୨(ଡି.ଏନ୍.ଏ.)-ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟରେ ନାଭାଲ ଏନ୍‌ସିସି ତରଫରୁ ଭାରତୀୟ ନୌସେନା ଦିବସ ପାଳନ କରାଯାଇଛି। କୋଭିଡ -୧୯ ନିୟମ ମାନି ହୋଇଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ କିଶୋର କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିଭାଷଣ ରଖିଥିଲେ। ମହାବିଦ୍ୟାଳୟର ନାଭାଲ ଏନସିସି ଦାୟିତ୍ୱରେ ଥିବା ସିଟିଓ ମନୋରଞ୍ଜନ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ନାଭାଲ କ୍ୟାଡେଟ୍‌ମାନଙ୍କର ଏକ ସ୍ୱଚ୍ଛତା ସମାବେଶରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କ୍ୟାଡେଟ୍‌ମାନେ ଛତ୍ରପୁର ଏନଏସିରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଓ ପାର୍କ ସଫା କରିଥିଲେ। ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ଏନସିସି ନିର୍ଦ୍ଦେଶାଳୟର ନିର୍ଦ୍ଦେଶାନୁସାରେ ସ୍ୱଚ୍ଛତା ପକ୍ଷ ପାଳନ ପୂର୍ବକ ବିଭିନ୍ନ ସଫେଇ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

### ଭାଜପା ପ୍ରଶିକ୍ଷଣ ଶିବିର

ଗୋପାଳପୁର,୪।୧୨-ରଙ୍ଗେଇଲୁଣ୍ଡା ବ୍ଲକ କନିଷି ଠାରେ ଭାଜପା ଗୋଳନ୍ଥରା ମଣ୍ଡଳର ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୫୩ନଂ ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର ଶିବିର ଉଦ୍‌ଘାଟନ କରିଥିବା ବେଳେ ମଣ୍ଡଳ ସଭାପତି ସନତ କୁମାର ନାୟକ ସଂଯୋଜନା କରିଥିଲେ। ଏଥିରେ ଗୋଳନ୍ଥରା ମଣ୍ଡଳୀର ୧୧ଟି ପଞ୍ଚାୟତର କାର୍ଯ୍ୟକର୍ତ୍ତାଙ୍କୁ ଭାଜପାର ଇତିହାସ ଓ ବିକାଶ, ବିଚାର ପରିବାର, ଭାରତର ବୈଷୟିକ ମୁଖ୍ୟଧାରା, ନିର୍ବାଚନ ପରିଚାଳନା, କାର୍ଯ୍ୟ ପଦ୍ଧତି ଆଦି ସମ୍ପର୍କରେ ଅବଗତ କରାଯାଇଥିଲା। ଶିବିରରେ ବିଭୂତି ଜେନା, ସୁବାଶିସ ସାହୁ, ଗୋପୀ ମହାରଣା, ସୁନୀଲ ପାତ୍ର, ଗଙ୍ଗାଧର ଶତପଥୀ, ଶଶିଭୂଷଣ ସାହୁ, ରଜତ ପଣ୍ଡିତ, ଅଶ୍ୱିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କଇଁଛଙ୍କ ମିଳନ ପର୍ବ ଆରମ୍ଭ

■ଜାନୁୟାରୀ ଶେଷ ସୁଦ୍ଧା ଗଣ ଅଣ୍ଡାଦାନ
■ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଗଞ୍ଜାମ,୪।୧୨(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ପୁରୁଣାବନ୍ଧ ଗ୍ରାମ ନିକଟସ୍ଥ ଋଷିକୂଲ୍ୟା ମୁହାଣରେ ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନ ପର୍ବ ଆରମ୍ଭ ହୋଇଯାଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ସାମାନ୍ୟ ବିଳମ୍ବ ହୋଇଥିବା ପରିବେଶବିତ ମାନେ ମତ ଦେଇଛନ୍ତି। ବନବିଭାଗ କର୍ମଚାରୀ ମାନେ ପେଟ୍ରୋଲିଂ କରୁଥିବା ସମୟରେ ଗୋପାଳପୁର ଠାରୁ ନୂଆଗାଁ ନିକଟସ୍ଥ ସମୁଦ୍ରର ଚାରିପାଞ୍ଚ କିଲୋମିଟର ପରିଧି ମଧ୍ୟରେ କଇଁଛଙ୍କ ମିଳନ ଚାଲିଥିବା ଖବର ହସ୍ତଗତ ହୋଇଥିବା ଜିଲା ବନଖଣ୍ଡ ଅଧିକାରୀ (ଡିଏଫଓ) ଅମ୍ଲାନ ନାୟକ ସୂଚନା ଦେଇଛନ୍ତି। ଧୀରେ ଧୀରେ ଏହା ବଢ଼ିବ ବୋଲି ସେ କହିଛନ୍ତି। ଏହାପରେ ସମୁଦ୍ର ଉପକୂଳରେ ଦକ୍ଷିଣା ପବନ ବୋହିଲେ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଡିଏଫଓ ପୂର୍ବାନୁମାନ କରିଛନ୍ତି। କଇଁଛଙ୍କ ମିଳନ ଲାଗି ଉତ୍ତର ଦିଗରେ ଥିବା ପ୍ରୟାଗୀ ଏବଂ ଦକ୍ଷିଣ ଦିଗରେ ଥିବା ଆର୍ଜିପଲ୍ଲୀ ପର୍ଯ୍ୟନ୍ତ ସମୁଦ୍ର ଅଞ୍ଚଳକୁ ବିଭାଗ ପକ୍ଷରୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଆନ୍ଧ୍ରର ଟ୍ରଲର ଗୁଡ଼ିକ ଅବାଧରେ ପ୍ରବେଶ କରୁଥିବାରୁ କଇଁଛଙ୍କ ମିଳନରେ ବାଧା ଉପୁଜିବା ଆଶଙ୍କାରେ ଦୁଇଟି ସ୍ୱତନ୍ତ୍ର ଟ୍ରଲର ବ୍ୟବସ୍ଥା କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହିତ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ବ୍ୟାରିକେଟ ନିର୍ମାଣ କରାଯାଇଛି ଏବଂ ସମୁଦ୍ର ଉପକୂଳ ଠାରେ କୋଷ୍ଟ ଗାର୍ଡ ନିୟୋଜିତ କରାଯାଇଛି। ଋଷିକୁଲ୍ୟା ମୁହାଣର ଉଭୟ ପାର୍ଶ୍ୱକୁ ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ପେଟ୍ରୋଲିଂ କଡ଼ାକଡ଼ି କରାଯାଉଥିବା ସୂଚନା ମିଳିଛି। ଆସନ୍ତା ଜାନୁୟାରୀ ଶେଷ ସପ୍ତାହ କିମ୍ବା ଫେବୃୟାରି ଦ୍ୱିତୀୟ ସପ୍ତାହ ସୁଦ୍ଧା କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସ୍ଥାନୀୟ ପରିବେଶବିତ ମାନେ ପୂର୍ବାନୁମାନ କରିଛନ୍ତି।



ଋଷିକୁଲ୍ୟା ମୁହାଣରେ କଇଁଛଙ୍କ ମିଳନ ପର୍ବ।

# ଛଟେଇ ସ୍ୱାସ୍ଥ୍ୟକର୍ମୀଙ୍କ ଦାବିପତ୍ର

ପାରଳାଖେମୁଣ୍ଡି,୪।୧୨(ଡି.ଏନ୍.ଏ.)

ଗଜପତି ଜିଲାର ବିଭିନ୍ନ ବ୍ଲକରେ ପ୍ରାୟ ୧୪ଜଣ ଏଏନ୍‌ଏମ୍, ଷ୍ଟାଫନର୍ସ, ବ୍ଲକ ଟେକ୍ନିସିଆନ୍, ଫାର୍ମାସିଷ୍ଟ କୋଭିଡ୍ କେୟାର ସେଣ୍ଟରରେ କାର୍ଯ୍ୟ କରୁଥିଲେ। ଏମାନଙ୍କୁ କୌଣସି ସୂଚନା ନଦେଇ ରାଜ୍ୟ ସରକାର କାର୍ଯ୍ୟରୁ ଅନ୍ତର କରିଛନ୍ତି। ଏହି କର୍ମଚାରୀ ପୂର୍ବରୁ ଘରୋଇ ଚିକିତ୍ସାଳୟରେ କାର୍ଯ୍ୟରତ ରହିଥିବାବେଳେ ସରକାରଙ୍କ ପକ୍ଷରୁ କୋଭିଡ୍ ଡ୍ୟୁଟିରେ ନିୟୋଜିତ କରାଯାଇଥିଲା। ୩ମାସ ଧରି କୌଣସି ବେତନ ପ୍ରଦାନ କରାଯାଇ ନଥିବାବେଳେ କାର୍ଯ୍ୟରୁ ନିବୃତ ରଖାଯାଇଛି। ଏନେଇ ସେମାନେ ଜିଲାପାଳ ଅନୁପମ ସାହାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅପରପକ୍ଷରେ ସରକାରଙ୍କ ଏପରି ନିଷ୍ପତ୍ତିକୁ ନେଇ ଚିନ୍ତାରେ ଥିବା କହିଛନ୍ତି ଛଟେଇ ହୋଇଥିବା ପ୍ରତିମା ପାଇକ, ଶୁଭଶ୍ରୀ ବେହେରା, ଫାଲଗୁନି ପଟ୍ଟନାୟକ, ରାଜେଶ ଗଙ୍ଗା, ସୁଦୀପ ପାଢୀ, ସିମା ସାସମଲ, ଗୀତାରାଣୀ ବେଣିଆ, ରଶ୍ମିତା ବେଣିଆ, ବି.କଲ୍ୟାଣୀ ଜ୍ୟୋତି ପ୍ରମୁଖଙ୍କ ସହ ଶତାଧିକ ସାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ସ୍ୱାସ୍ଥ୍ୟକର୍ମୀ।

# ହାତୀ ପାଇଁ ବିଦ୍ୟୁତ୍ କାଟ୍

ଶେରଗଡ଼,୪।୧୨(ଡି.ଏନ୍.ଏ.)

ଶେରଗଡ ବ୍ଲକ ଓ ସାନଖେମୁଣ୍ଡି ବ୍ଲକର କେତେକ ଗ୍ରାମରେ ଗୁରୁବାର ରାତି ତମାମ ବିଦ୍ୟୁତ୍ ବିଭ୍ରାଟ ଦେଖା ଦେଇଥିଲା। ଏକ ୧୨ଟିକିଆ ହାତୀପଲ ଅଞ୍ଚଳରେ ଚଳପ୍ରଚଳ କରୁଥିବାରୁ ତାଙ୍କ ସୁରକ୍ଷା ପାଇଁ ବିଜୁଳି କାଟ୍ କରିବାକୁ ଉପରୁ ନିର୍ଦ୍ଦେଶ ଥିବା ହିଞ୍ଜିଳିକାଟୁ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପଟ୍ଟନାୟକ କହିଛନ୍ତି। ଗୁରୁବାର ସନ୍ଧ୍ୟା ୭ ଟାରୁ ଶେରଗଡ ଅଞ୍ଚଳରେ ବିଦ୍ୟୁତ୍ କାଟ ହୋଇ ୮ଟାରେ ଆସିଲା। ପୁଣି ରାତି ୯ ଟାବେଳେ ବିଦ୍ୟୁତ୍ କାଟ୍ ହେଲା। ପୂରା ଶେରଗଡ ବ୍ଲକ ଓ ସାନଖେମୁଣ୍ଡି ବ୍ଲକର କିଛି ଗ୍ରାମ ରାତିତମାମ ଅନ୍ଧାର ରହିଲା। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଲେ। ଶୁକ୍ରବାର ସକାଳ ସାଢେ ୯ଟାରେ ବିଜୁଳି ଆସିଲା। ହାତୀପଲ ଧର୍ମରାୟପୁର ଗ୍ରାମ ନିକଟ ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ୍ ଲାଇନ୍ ନିକଟରେ ରାତି ତମାମ ଥିବାଯୋଗୁ ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟୁତ୍ କାଟ୍ ହୋଇଥିବା ନିର୍ବାହୀ ଯନ୍ତ୍ରୀ କହିଥିଲେ।

# ଜେଲ୍ ଗଲେ ଥାନା ଏସ୍‌ଆଇ

## ମହିଳା ଏସ୍‌ଆଇଙ୍କୁ ନିର୍ଯାତନା ଅଭିଯୋଗ

ବାଲିଗୁଡା,୪।୧୨(ଡି.ଏନ.ଏ)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଏସ୍‌ଆଇ ସିଲୁ ଧଳ ଜଣେ ମହିଳା ଏସ୍‌ଆଇଙ୍କୁ ନିର୍ଯାତନା ଦେଇ ଶୁକ୍ରବାର ଜେଲ ଯାଇଛନ୍ତି। ଅଗଷ୍ଟ ୧୬ରେ ଦାରିଙ୍ଗବାଡି ଥାନାରେ କାର୍ଯ୍ୟରତ ଜଣେ ମହିଳା ଏସଆଇ ସିଲୁଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣି ଏକ ଏତଲା ଦାୟର କରିଥିଲେ। ଏ ନେଇ ମାମଲା ରୁଜୁ ହେବା ଦିନଠାରୁ ସିଲୁ ଫେରାର ଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ସେ କନ୍ଧମାଳ ଜିଲା ବାଲିଗୁଡା ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟରେ ହାଜର ହୋଇଥିଲେ। ବିଚାରପତି ଶୁଭଦର୍ଶୀ ପଟ୍ଟନାୟକ ଶୁକ୍ରବାର ବୃତାନ୍ତ ରାୟ ପ୍ରକାଶ କରି ଏସ୍‌ଆଇ ଧଳଙ୍କୁ ଜେଲ ପଠାଇଛନ୍ତି ବୋଲି ସରକାରୀ ଓକିଲ ସୁଧାଂଶୁ ମୋହନ ପତି ସୂଚନା ଦେଇଛନ୍ତି।

# ମୃତ୍ୟୁ ପରେ ଶରୀର ଦାନ କରିବେ ବୃନ୍ଦାବନ

ପୋଲସରା, ୪।୧୨(ଡି.ଏନ.ଏ.)

ପୋଲସରା ଏନ୍ଏସି ସ୍ଥିତ ରାଣୀପଡ଼ା ସାହିର ସାମାଜିକ କର୍ମୀ ବୃନ୍ଦାବନ ବେହେରା ମୃତ୍ୟୁ ପରେ ନିଜର ଶରୀରକୁ ବ୍ରହ୍ମପୁର ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟକୁ ଦାନ କରିବେ ବୋଲି ଘୋଷଣା କରିଛନ୍ତି। ପୋଲସରା ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ଓ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ସୁସ୍ଥ ମସ୍ତିଷ୍କରେ ସତ୍ୟପାଠ ଦ୍ୱାରା ବିଧିବଦ୍ଧ ଘୋଷଣା ପୂର୍ବକ ଏହି ନିଷ୍ପତ୍ତି ନେଇଛନ୍ତି। ଯାହାକୁ ନେଇ ପୋଲସରା ନଗର ଯୁବ ବିଜେଡି ସଭାପତି ଗୋପାଳ କୃଷ୍ଣ ସାହୁ ଓ ସମ୍ପାଦକ ବାବୁଲୀ ପଟ୍ଟନାୟକ ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ବୋଲି କହିଥିଲେ। ସାମାଜିକ କର୍ମୀ ଭାବରେ ପୋଲସରା ଏନଏସିରେ ଡ. ଏପିଜେ ଅବଦୁଲ କଲାମ ବରିଷ୍ଠ ନାଗରିକ ସଂଘର ସଭାପତି ଭାବେ ପ୍ରତିଷ୍ଠିତ ହେବା ସହ ବହୁ ବରିଷ୍ଠ ବୃଦ୍ଧ ମାନଙ୍କୁ ନେଇ ସଦାସର୍ବଦା କିଛି ନା କିଛି ସମାଜ ସେବାରେ ନିୟୋଜିତ ଥିବା ଦେଖିବାକୁ ମିଳୁଛି। ତାଙ୍କ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟେଙ୍ଗ ଅନ୍ୟମାନଙ୍କ କାର୍ଯ୍ୟରେ ଆସିଲେ ମୃତ୍ୟୁ ପରେ ମଧ୍ୟ ଆତ୍ମା ଶାନ୍ତି ପାଇବ ବୋଲି ସାମାଜିକ କର୍ମୀ ବେହେରା କହିଛନ୍ତି।



ବୃନ୍ଦାବନ ବେହେରା

# ଇକୋ ରିଟ୍ରିଟ କାର୍ଯ୍ୟ ସମୀକ୍ଷା କଲେ ପର୍ଯ୍ୟଟନ ମନ୍ତ୍ରୀ



ବୈଠକରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

**୮ରେ ଉଦ୍‌ଘାଟନ**

ଦାରିଙ୍ଗବାଡ଼ି,୪।୧୨(ଡି.ଏନ୍.ଏ.)

ଦାରିଙ୍ଗବାଡ଼ିଠାରେ ପ୍ରଥମଥର ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଇକୋ ରିଟ୍ରିଟ୍ କରାଯାଉଛି। ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିକୁ ପ୍ରତିବର୍ଷ ଲକ୍ଷାଧିକ ପର୍ଯ୍ୟଟକ ଆସି ଶୀତର ମଜା ନେଇଥାନ୍ତି। ଏଥିପାଇଁ ରାଜ୍ୟ ସରକାର ଦାରିଙ୍ଗବାଡ଼ିରେ ପ୍ରଥମଥର ପାଇଁ ଇକୋ ରିଟ୍ରିଟ କରିବାକୁ ପଦକ୍ଷେପ ନେଇଛନ୍ତି। ଆସନ୍ତା ୮ରେ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବେ ବୋଲି କୁହାଯାଇଛି। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଶୁକ୍ରବାର ଦାରିଙ୍ଗବାଡ଼ି ଗସ୍ତରେ ଆସି ନିର୍ମାଣ କାମର ସମୀକ୍ଷା କରିଛନ୍ତି। ଜିଲା ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ବିଭାଗ ପକ୍ଷରୁ ଜୋରଦାର କାମ ଚାଲିଥିବା ମନ୍ତ୍ରୀ ଖବରଦାତା ସମ୍ମିଳନୀରେ କହିଛନ୍ତି।

ପ୍ରକାଶ ଯେ, ମଧ୍ୟାହ୍ନରେ ମନ୍ତ୍ରୀ ପାଣିଗ୍ରାହୀ ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ ସ୍ଥଳରେ ପହଞ୍ଚି କାର୍ଯ୍ୟର ତଦାରଖ କରିବା ସହ ତମ୍ବୁ, ଡାଇନିଂ ହଲ, ରିସେପ୍‌ସନ୍, ସାଂସ୍କୃତିକ କାର୍ଯ୍ୟସ୍ଥଳ ସହ ଭଙ୍ଗାରୁଜା ହୋଇ ପଡ଼ିରହିଥିବା ପାନ୍ଥନିବାସ ବୁଲି ଦେଖିଥିଲେ। ପରେ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ରନ ଯାଦବଙ୍କ ସଭାପତିତ୍ୱରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଏଥିରେ କନ୍ଧମାଳ ଜିଲାପାଳ ଡ.ବୃନ୍ଦା ଡି ଇକୋରିଟ୍ରିଟ କାର୍ଯ୍ୟର ବିସ୍ତୃତ ତଥ୍ୟ ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ପରେ ମନ୍ତ୍ରୀ ଜଳ ଓ ପରିମଳ, ବିଦ୍ୟୁତ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ବୈଠକରେ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିଲେ। ସେ ସମସ୍ତ ବିଭାଗର କାର୍ଯ୍ୟରେ ସନ୍ତୋଷ ବ୍ୟକ୍ତକରି ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ସେହିପରି ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ନିଜ ମନ୍ତବ୍ୟରେ ମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀ, ଜିଲାପ୍ରଶାସନକୁ ଏହି କାର୍ଯ୍ୟ ପାଇଁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଗୁଡ଼ା ଉପଜିଲାପାଳ ଶୁଭଙ୍କର ମହାପାତ୍ର, ଡିଏଫ୍‌ଓ ବିଶ୍ୱନାଥ ନିଲନଭର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ୩ କୁଇଣ୍ଟାଲ ଭାଙ୍ଗ ଜବତ, ୨ ଗିରଫ

ବୁଗୁଡ଼ା,୪।୧୨(ଡି.ଏନ.ଏ.)

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି କଳମ୍ବ ଛକରେ ଗୁରୁବାର ରାତିରେ ବାଲିପଦର ଫାଣ୍ଡି ଅଧିକାରୀ ନିରଞ୍ଜନ ଦାଶ ଗୋଟିଏ ଅଟୋ ସହ ୩ କୁଇଣ୍ଟାଲ ୧୪ କେଜି ଭାଙ୍ଗ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତି ଥିବା ଅଭିଯୋଗରେ ୨ ଜଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ଥାନା ରଗଡ଼ିମଡ଼ା ଗ୍ରାମର କେଶବ ପାତ୍ର ଓ କବି ପାତ୍ର। ଏ ନେଇ ବୁଗୁଡ଼ା ଥାନାରେ ନଂ. ୩୬୮/୨୦ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ବଡ଼ଗଡ଼ରୁ ଏକ ଅଟୋ (ନଂ. ଓଆର ୧୩ ଏଚ ୮୬୪୩) ଯୋଗେ ଭାଙ୍ଗ ନୟାଗଡ଼ ଅଭିମୁଖେ ଚାଲାଣ କରୁଥିବା ଖବର ପାଇ ବାଲିପଦର ଫାଣ୍ଡି ଅଧିକାରୀ ନିରଞ୍ଜନ ଦାଶ ସଦଳବଳ କଳମ୍ବ ଛକଠାରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ।



ଜବତ ଭାଙ୍ଗ ସହ ଗିରଫ ଦୁଇ ଅଭିଯୁକ୍ତ।

# ବିଜେଡି ନଗର କମିଟିର ସାଙ୍ଗଠନିକ ପୁନର୍ବିନ୍ୟାସ

**ନୂତନ କାର୍ଯ୍ୟକର୍ତ୍ତା ମନୋନୀତ**

ଦିଗପହଣ୍ଡି,୪।୧୨(ଡି.ଏନ.ଏ.)

ଦିଗପହଣ୍ଡି ବିଜେଡିର ନଗର କମିଟି ସଭାପତି ନିର୍ବାଚନ ପରେ ନବ ନିର୍ବାଚିତ ସଭାପତି ଲକ୍ଷ୍ମୀ ନୃସିଂହ ମାର୍ଥାଙ୍କ ଅଧ୍ୟକ୍ଷତାରେ ସାଙ୍ଗଠନିକ ପୁନର୍ବିନ୍ୟାସ କରାଯାଇଛି। ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ପରିବର୍ଦ୍ଧିତ ଆଲୋଚନା ସଭାରେ ଦଳୀୟ କାର୍ଯ୍ୟକର୍ତ୍ତା ଚୟନ ନେଇ ବିଚାର ବିମର୍ଷ କରାଯିବା ପରେ ଉପସ୍ଥିତ ଛାମୁଆ କର୍ମୀଙ୍କ ମତାମତକୁ ପ୍ରାଧାନ୍ୟ ଦେଇ ସର୍ବସମ୍ମତି କ୍ରମେ ନଗର କମିଟି କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିବା ପୂର୍ବତନ ଏନ୍ଏସି ଅଧକ୍ଷ ଭି.ରବି ନାରାୟଣ ରାଜୁ କହିଛନ୍ତି। ଏଥିରେ ଡ.ଯୁଧିଷ୍ଠିର ସ୍ୱାଇଁଙ୍କୁ ସାଧାରଣ ସମ୍ପାଦକ ନିର୍ବାଚିତ କରାଯାଇଥିବା ବେଳେ ସୁରେନ୍ଦ୍ର ପଟ୍ଟନାୟକଙ୍କୁ କୋଷାଧକ୍ଷ ଭାବେ ନିର୍ବାଚିତ କରାଯାଇଛି। ସେହିଭଳି ୭ ଜଣିଆ ଉପସଭାପତି ମଣ୍ଡଳୀ ଚୟନ କରାଯାଇ ଏଥିରେ ପ୍ରଦୀପ୍ତ କୁମାର ପଟ୍ଟନାୟକ, ମାଗି ସେଠୀ, ଗିରିଜା ନନ୍ଦନ ମେକାପ, ସୁଶାନ୍ତ କୁମାର ପାତ୍ର, ରଞ୍ଜନ କୁମାର ବେହେରା, ହେମନ୍ତ କୁମାର ପାଣିଗ୍ରାହୀ ଏବଂ ପ୍ରଭାକର ସାବତଙ୍କୁ ସାମିଲ କରାଯାଇଥିଲା। ୭ ଜଣିଆ ସମ୍ପାଦକ ମଣ୍ଡଳୀ ଗଠନ କରାଯାଇ ତାରାପ୍ରସାଦ ପଟ୍ଟନାୟକ, ନିଗମ ପ୍ରସାଦ ପଣ୍ଡା, ଜିତେନ୍ଦ୍ର ମାର୍ଥା, ରମେଶ ଚନ୍ଦ୍ର ଜେନା, ଲକ୍ଷ୍ମୀ ନାରାୟଣ ପାଢ଼ୀ, ପ୍ରଦୀପ କୁମାର ପଣ୍ଡା ଏବଂ ପି.ଜାଗିଲିଙ୍କୁ ମନୋନୀତ କରାଯାଇଛି। ସେହିଭଳି ୩୧ ଜଣିଆ ଉପଦେଷ୍ଟା ମଣ୍ଡଳୀରେ ପୂର୍ବତନ ଏନ୍ଏସି ଅଧକ୍ଷ ଭି.ରବି ନାରାୟଣ ରାଜୁ, ହୃଦୟ ରଞ୍ଜନ ମେକାପ, ଶମ୍ଭୁ ପଣ୍ଡା, ଶିବଶଙ୍କର ଦେବ ଗୋସ୍ୱାମୀ, ରାମକୃଷ୍ଣ ପାଢ଼ୀ, ରଘୁନାଥ ପାଣିଗ୍ରାହୀ, ବି.ଦୀନବନ୍ଧୁ, ପ୍ରଦୀପ ପଟ୍ଟନାୟକ, କାହ୍ନୁ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଅନ୍ୟମାନଙ୍କୁ କମିଟିରେ ସାମିଲ କରାଯାଇଛି।

# 'ହାତୀଓଟ ଆଦର୍ଶ ବିଦ୍ୟାଳୟଠାରୁ ଶିଖ'

■ ସବୁ ସ୍କୁଲରେ ସ୍ମାର୍ଟକ୍ଲାସ
■ ଶୌଚାଳୟ ସଫେଇ ନିଜେ କର

ଛତ୍ରପୁର,୪।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଥିବା ଆଦର୍ଶ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ମାନ ବୃଦ୍ଧି ଏବଂ ବିଦ୍ୟାଳୟ ସୌନ୍ଦର୍ଯ୍ୟ କରଣ ଓ ସ୍ୱଚ୍ଛତା ଦିଗରେ ଅଧିକ ଧ୍ୟାନ ଦିଆଯିବ। ଏନେଇ ଗୁରୁବାର ଜିଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଜିଲାର ୨୨ ଆଦର୍ଶ ବିଦ୍ୟାଳୟ ଅଧକ୍ଷମାନଙ୍କୁ ନେଇ ବୈଠକ ହୋଇଥିଲା। ଜିଲାର ୧୪ ଅପ୍‌ଗ୍ରେଡେସନ ବିଦ୍ୟାଳୟର ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ କିଣାଯିବାକୁ ଥିବା ଆସବାବପତ୍ର କ୍ରୟ କରିବାକୁ ଥିବା କମିଟି ଦ୍ୱାରା ଆଲୋଚନା ହୋଇଥିଲା। ପୋଲସରା ବ୍ଲକ ହାତୀଓଟ ଆଦର୍ଶ ବିଦ୍ୟାଳୟ ମାଟ୍ରିକ୍ ଫଳାଫଳ ଉଚ୍ଚକୋଟୀର ହୋଇଥିବାରୁ ଜିଲାପାଳ ପ୍ରଶଂସା କରିଥିଲେ ଏବଂ ସମସ୍ତ ଆଦର୍ଶ ବିଦ୍ୟାଳୟଗୁଡିକରେ ସେହିଭଳି ଫଳାଫଳ ଯେମିତି ହେବ ତାହାକୁ ଦୃଷ୍ଟିରେ ରଖି ଶିକ୍ଷାଦାନ କରିବାକୁ ଅଧକ୍ଷ ମାନଙ୍କୁ କହିଥିଲେ।

ହାତୀଓଟ ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଛାତ୍ରାବାସରେ ରହିବା ସହ ଶତକଡା ୯୦ ପ୍ରତିଶତ କୋଚିଂ ବ୍ୟବସ୍ଥା କରାଯିବ। ସମସ୍ତ ଆଦର୍ଶ ବିଦ୍ୟାଳୟରେ କମ୍ପ୍ୟୁଟର ପ୍ରୋଜେକ୍ଟର ସ୍ଥାପନ କରି ସ୍ମାର୍ଟ କ୍ଲାସ ପାଇଁ ପ୍ରସ୍ତୁତ ହେବ। ଅଧକ୍ଷ ପ୍ରଥମେ ଶୌଚାଳୟର ସଫେଇ କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତୁ। ତେବେଯାଇ ଅନ୍ୟ ଶିକ୍ଷକ ଓ ଛାତ୍ରୀଛାତ୍ରୀ ଅନୁପ୍ରାଣିତ ହୋଇ ଉକ୍ତ କାର୍ଯ୍ୟକୁ ଘୃଣ୍ୟ ମନେ ନକରି ସଫେଇ ପ୍ରତି ଆଗ୍ରହୀ ହେବେ। ଉପସ୍ଥିତ ଅଧକ୍ଷମାନେ ନିଜ ବିଦ୍ୟାଳୟରେ ଥିବା ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ କହିଥିଲେ। ବୈଠକରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠାବାଡି) ଏସ. ଏସ. ମିଶ୍ର, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠାବାଡି) ତପନ କୁମାର ପାଣିଗ୍ରାହୀ, (ରାସ୍ତା ଓ କୋଠାବାଡି) ଗଞ୍ଜାମ-୧ ଅରୁଣ ଶତପଥୀ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗୀୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର କର, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଜଳ ଓ ପରିମଳ ବ୍ରହ୍ମପୁର ପ୍ରତାପ ଚନ୍ଦ୍ର ମହାପାତ୍ର, ସହକାରୀ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗ ଲଡୁ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


## ଆର୍ମି ଏ.ଡ଼ି. କଲେଜ୍‌ରେ ଦୋକାନ ଘର ଠିକା ସୂତ୍ରରେ ଦିଆଯିବ

୧. ଗୋପାଳପୁର ମିଲିଟାରୀ ଷ୍ଟେସନ୍ (ଓଡ଼ିଶା) ସ୍ଥିତ ରେଜିମେଣ୍ଟାଲ୍ ଦୋକାନ ପରିସରରେ ନିମ୍ନଲିଖିତ ଦୋକାନ ଘରକୁ ଠିକା ସୂତ୍ରରେ ଏକବର୍ଷ : ୧ ଜାନୁୟାରୀ ୨୦୨୧ ଠାରୁ ୩୧ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ଦିଆଯିବ। ଏହି ଚୁକ୍ତିନାମା ସମସ୍ତ ଏକ୍ସ ସର୍ଭିସ୍‌ମେନ୍ ମାନଙ୍କ ପାଇଁ ଖୋଲା ଅଛି।

| କ୍ର.ନଂ. | ଦୋକାନର ନାମ | ବିକ୍ରି ପାଇଁ ଥିବା ସାମଗ୍ରୀ |
|---|---|---|
| କ) | ଗ୍ରୋସେରୀ ସପ୍ | ଗ୍ରୋସେରି ଆଇଟମ୍, ହାର୍ଡ଼ୱେର୍ ସାମଗ୍ରୀ ଏବଂ ଉପହାର ସାମଗ୍ରୀ। |
| ଖ) | ମିଠା ଦୋକାନ | ସ୍ନାକ୍ସ, ମିଠା, ହଟ୍ ଆଣ୍ଡ୍ କୋଲ୍ଡ ବେଭେରେଜ୍। |
| ଗ) | ଜୋତା ଦୋକାନ | ସମସ୍ତ ପ୍ରକାର ଲେଦର୍ ଆଇଟମ୍, ସୁ / ସ୍ଲିପର୍ / ସେଣ୍ଡଲ୍, ସ୍ପୋର୍ଟସ୍ ଆସେସରି। |
| ଘ) | ଫାଷ୍ଟ୍ ଫୁଡ୍ ଦୋକାନ | ସମସ୍ତ ପ୍ରକାର ଫାଷ୍ଟ୍ ଫୁଡ୍ ଉପଲବ୍ଧ। |
| ଙ) | ଭଣ୍ଡାରି ଦୋକାନ | ହେୟାର୍ କଟିଙ୍ଗ୍, ହେୟାର ଡାଇଙ୍ଗ୍, ହେଡ ମେସେଜ୍, ଫେସିଏଲ୍। |
| ଚ) | ଲୁଗା ସହ ଟେଲର୍ ଦୋକାନ | ରେଡ଼ିମେଡ୍ ଗାର୍ମେଣ୍ଟସ୍ ଡିଜାଇନେର୍ ଆଉଟ୍‌ଫିଟ୍, ସିଲାଇ ଓ ଡ୍ରାଇ କ୍ଲିନିଙ୍ଗ୍ ଉପଲବ୍ଧ। |
| ଛ) | ଷ୍ଟେସନାରୀ ଦୋକାନ | ବହି, ଷ୍ଟେସନାରୀ ଏବଂ ପିରିୟଡିକାଲ୍‌ସ୍ ଉପଲବ୍ଧ |
| ଜ) | ପାନ ଦୋକାନ/ଫଳ ଜୁସ୍ ଦୋକାନ | ପାନ୍, ଫଳ ରସ, ଶୁଖିଲା ଫଳ ଏବଂ ଚକ୍‌ଲେଟ୍ ଆଇଟମ୍ ଉପଲବ୍ଧ। |
| ଝ) | ଚିଲ୍ ଏଣ୍ଡ୍ ଗ୍ରିଲ୍ସ ଦୋକାନ | ଆମିଷ ଓ ନିରାମିଷ ସାମଗ୍ରୀ ଏବଂ ଓମ୍‌ଫେଡ୍ ଦୁଗ୍ଧ ଓ ଓମ୍‌ଫେଡ୍ ଦୁଗ୍ଧଜାତ ଦ୍ରବ୍ୟ। |
| ଞ) | ମୋବାଇଲ୍ ଓ ମରାମତି ଦୋକାନ | ହିନ୍ଦି ଟାଇପିଙ୍ଗ୍, କମ୍ପ୍ୟୁଟର୍ ପେରିଫେରାଲ୍ ଏବଂ ମୋବାଇଲ୍ ସାମଗ୍ରୀ ମରାମତି। |
| ଟ) | ସାଇକେଲ୍ ମରାମତି ଦୋକାନ | ସାଇକେଲ୍ ମରାମତି, ସାଇକେଲ୍ ଭଡ଼ାର ସୁବିଧା। |
| ଠ) | ମୋଟର ସାଇକେଲ୍ ମରାମତି ଦୋକାନ | ଦୁଇ ଚକିଆ / ମୋଟର ସାଇକେଲ୍‌ର ସର୍ଭିସିଂ ଏବଂ ରିପେର୍, ଦୁଇ ଚକିଆ ଗାଡ଼ିର ସ୍ପେର୍ ପାର୍ଟସ୍ ଏବଂ ଆସେସରି ବିକ୍ରି, ଗ୍ୟାସ୍ ଷ୍ଟୋଭ୍ / ବର୍ଣ୍ଣର |
| ଡ଼) | ଉପହାର ଦୋକାନ | କ୍ରାଫ୍ଟିଂ/ଡିଜାଇନିଙ୍ଗ୍ ମେଟେରିଆଲ୍ ଓ ଉପହାର ଏବଂ ଖେଳନା ସାମଗ୍ରୀ ବିକ୍ରୟ। |
| ଢ଼) | ସନ୍ତୁଷ୍ଟି ରେଷ୍ଟୁରାଂଟ | ଆମିଷ / ନିରାମିଷ ମିଲ୍ସ ଏବଂ ସ୍ନାକ୍ସ। |
| ଣ) | ଜୋତା ମରାମତି ଦୋକାନ | ସୁ, ବେଗ୍, ସ୍ଲିପର୍ ରିପେର୍। |
| ତ) | ଆର୍ମି ଷ୍ଟୋର୍ ଦୋକାନ | ସମସ୍ତ ପ୍ରକାର ଲୁଗା, ମିଲିଟାରୀ ଷ୍ଟୋର୍ସ, ଆର୍ମି ୟୁନିଫର୍ମ, ଆର୍ମି ସାମଗ୍ରୀ, ସ୍କୁଲ୍ ଡ୍ରେସେସ୍ ଏବଂ ଦର୍ଜି ସିଲେଇ |
| ଥ) | ଫୋଟ ଷ୍ଟୁଡିଓ ଦୋକାନ / ଜେରେକ୍ସ | ସମସ୍ତ ପ୍ରକାର ଫୋଟ କପି, କଲର୍ ଏବଂ କଳାଧଳା, ଜେରେକ୍ସ, କଲର୍ ପ୍ରିଂଟ୍ ଆଉଟ୍, ଫୋଟଗ୍ରାଫିକ୍, ଷ୍ଟିକରିଙ୍ଗ୍ ଏବଂ ନମ୍ବର ପ୍ଲେଟ୍ ଓ ରବର୍ ଷ୍ଟାମ୍ପ। |
| ଦ) | ମାଂସ ଦୋକାନ | ଚିକେନ୍, ମଟନ୍, ମାଛ, ଚିଙ୍ଗୁଡ଼ି ଓ ଅଣ୍ଡା ଉପଲବ୍ଧ। |
| ଧ) | ଆଇସ୍କ୍ରିମ୍ ଓ ମିଲ୍କ ପ୍ରୋଡାକ୍ଟ ଦୋକାନ | ଓମ୍‌ଫେଡ୍ ବ୍ୟତିତ ଅନ୍ୟ ସମସ୍ତ ପ୍ରକାର ଦୁଗ୍ଧଜାତ ଦ୍ରବ୍ୟ ଉପଲବ୍ଧ। |
| ନ) | ପରିବା ଦୋକାନ | ପନିପରିବା ଏବଂ ଫଳ ଉପଲବ୍ଧ। |
| ପ) | ଫୁଡ୍ କୋର୍ଟ | ଜଳଖିଆ, ଦିବା ଭୋଜନ, ରାତ୍ର ଭୋଜନ ଓ ସ୍ନାକ୍ସ (ଆମିଷ ଓ ନିରାମିଷ) ଏବଂ ଗୃହ ବିତରଣ ସେବା ଉପଲବ୍ଧ। |
| ଫ) | ଆର୍ ଓ ପ୍ଲାଣ୍ଟ | ଗୃହ ବିତରଣ ସହିତ ଆର୍.ଓ. ପାଣିର ସୁବିଧା। |
| ବ) | ଇଲେକ୍‌ଟ୍ରୋନିକ୍ସ ଷ୍ଟୋର୍ | ସାମସଙ୍ଗ ଏବଂ ଏଚ୍‌ପି ଇଲେକ୍ଟ୍ରନିକ୍ସ ସାମଗ୍ରୀ ଓ ଲେପ୍‌ଟପ୍ |

୨. ଉପରୋକ୍ତ ଦୋକାନ ପାଇଁ ଆଗ୍ରହୀ ବ୍ୟକ୍ତି ଏକ ଦରଖାସ୍ତ *Colonel A, Army Air Defence College, Pin 928992, C/o 99 APO* ଙ୍କୁ ୧୫ ଡିସେମ୍ବର ୨୦୨୦ ସୁଦ୍ଧା ପଠାଇବେ।

କୋଲନେଲ୍ ଏ, ହେଡ୍‌କ୍ୱାର୍ଟର୍ସ ଆର୍ମି ଏୟାର୍ ଡିଫେନ୍ସ କଲେଜ୍, ପିନ- ୯୨୮୯୯୨, ମାର୍ଫତ - ୯୯ଏପିଓ

